# ଖାଦ୍ୟ ସୁରକ୍ଷାରେ ଡାଲିଜାତୀୟ ଫସଲର ଭୂମିକା

ରଞ୍ଜନ କୁମାର ମହାନ୍ତ, ଦେବାଶିଷ ଜେନା, ତୁଷାର ରଞ୍ଜନ ସାହୁ ଓ ଦିଲ୍ଲୀପ ରଞ୍ଜନ ଷଡଙ୍ଗୀ

ଦୈନନ୍ଦିନ ଜୀବନରେ ଆମେ ଜଳ, ଶ୍ୱେତସାର, ପୁଷ୍ଟିସାର, ସ୍ନେହସାର, ଜୀବସାର ଓ ଧାତୁସାର ଦରକାର କରିଥାଉ । ଆମେ ନିଜର ଦେହରକ୍ଷା ପାଇଁ ତଥା ବଢ଼ିବା ପାଇଁ ପୁଷ୍ଟିସାର ଜାତୀୟ ଖାଦ୍ୟ ଦରକାର କରିଥାଉ । ଶରୀରର ଦୈନନ୍ଦିନ କାର୍ଯ୍ୟ କରିବା ପାଇଁ ଶ୍ୱେତସାର ଓ ସ୍ନେହସାର ଜାତୀୟ ଖାଦ୍ୟ ଆମକୁ ଶକ୍ତି ପ୍ରଦାନ କରିଥାନ୍ତି । ବଢୁଥିବା ପିଲା, ଗର୍ଭବତୀ ମହିଳା, କ୍ଷୀର ପିଆଉ ଥିବା ମା', ବୟସ୍କ ବ୍ୟକ୍ତି ତଥା ରୋଗୀଣା ବ୍ୟକ୍ତି ବିଭିନ୍ନ ମାତ୍ରାରେ ପୁଷ୍ଟିକର ଖାଦ୍ୟ ଦରକାର କରିଥାନ୍ତି । ସୁଷମ ଖାଦ୍ୟରେ ଦରକାରୀ ଖାଦ୍ୟସାର ସଠିକ୍ ଅନୁପାତ ଓ ମାତ୍ରାରେ ରହିଥାଏ ତଥା କାର୍ଯ୍ୟ ଓ ପରିସ୍ଥିତି ନେଇ ବଦଳି ଥାଏ । ପୁଷ୍ଟିସାର ବୟସ୍କ ବ୍ୟକ୍ତିମାନଙ୍କର ଦେହରକ୍ଷା କରୁଥିବା ବେଳେ ପିଲାମାନଙ୍କର ଶରୀରର ଅଭିବୃଦ୍ଧି ଓ ଦେହରକ୍ଷା ପାଇଁ ଦରକାର ହୋଇଥାଏ । ତେଣୁ ପିଲାମାନଙ୍କ ପାଇଁ ବୟସ୍କ ବ୍ୟକ୍ତିମାନଙ୍କ ତୁଳନାରେ ଅଧିକ ମାତ୍ରାରେ ପୁଷ୍ଟିସାର ଜାତୀୟ ଖାଦ୍ୟ ଦରକାର ହୋଇଥାଏ । ଡାଲି ଆମ ଦୈନନ୍ଦିନ ଜୀବନରେ ପୁଷ୍ଟିସାରର ମୁଖ୍ୟ ଉତ୍ସଭାବେ ବିବେଚିତ ହୋଇଥାଏ । ୧୦୦ ଗ୍ରାମ୍ ବୁଟ ଡାଲିରେ ୧୭ ଗ୍ରାମ୍ ପୁଷ୍ଟିସାର, ୪.୬ ମିଲିଗ୍ରାମ୍ ଲୌହ, ୨୦୨ ମିଲିଗ୍ରାମ୍ କ୍ୟାଲସିୟମ୍, ୧୮୬ ମାଇକ୍ରୋଗ୍ରାମ୍ ଫୋଲିକ୍ ଏସିଡ୍ ଓ ୩୬୦ କିଲୋକ୍ୟାଲୋରୀ ଶକ୍ତି ଥାଏ ।

## ଖାଦ୍ୟ ସୁରକ୍ଷା ଓ ପୋଷଣ ନିରାପତ୍ତା

ଖାଦ୍ୟ ସୁରକ୍ଷା କହିଲେ ଭୋକ ମେଣ୍ଟାଇବା ପାଇଁ ଆବଶ୍ୟକ ଖାଦ୍ୟ ସମସ୍ତଙ୍କୁ ସଠିକ୍ ପରିମାଣରେ ମିଳି ପାରୁଛି କି ନାହିଁ ତାକୁ ଦେଖାଯାଏ, କିନ୍ତୁ ପୋଷଣ ନିରାପତ୍ତାରେ ସବୁ ଖାଦ୍ୟସାର ଆବଶ୍ୟକ ଅନୁପାତ ଓ ପରିମାଣରେ ମିଳିବା ଜରୁରୀ । ତେଣୁ ଖାଦ୍ୟ ସୁରକ୍ଷା ଏପରି ଏକ ଅବସ୍ଥା ଯେଉଁଥିରେକି ସମସ୍ତ ଲୋକଙ୍କ ପାଇଁ ସବୁ ସମୟରେ ଯଥେଷ୍ଟ ପରିମାଣର ସୁରକ୍ଷିତ ଓ ପୁଷ୍ଟିକର ଖାଦ୍ୟ ସୁହାଇଲା ଭଳି ଦରରେ ମିଳିଥାଏ, ଯାହାକି ତାଙ୍କର ପୋଷକ ତତ୍ତ୍ୱର ଚାହିଦା ମେଣ୍ଟାଇବା ସହିତ ଏକ ସୁସ୍ଥ ଓ ସତେଜ ଜୀବନ ପାଇଁ ଖୋରାକ ଜଗାଇଥାଏ । ୨୦୧୪ ମସିହାରେ ଆମ ଦେଶର ୫ ବର୍ଷରୁ କମ୍ ଆୟୁର ପିଲାମାନଙ୍କ ମଧ୍ୟରେ ୩୪ ପ୍ରତିଶତ ପିଲାଙ୍କର ଓଜନ ଯେତେ ରହିବା କଥା ତାଠାରୁ କମ୍ ରହିଥିଲା ତଥା ଆମ ଦେଶର ପ୍ରାୟ ଅର୍ଦ୍ଧାଧିକ ୫ ବର୍ଷରୁ କମ୍ ଆୟୁର ପିଲା ଓ ୧୫-୪୯ ଆୟୁର ମହିଳାଙ୍କଠାରେ ରକ୍ତହୀନତା ରହିଥିଲା । ଅର୍ଥାତ୍ ଏବେ ବି ଆମେ ଆମର ଖାଦ୍ୟ ଓ ପୋଷଣ ନିରାପତ୍ତା ପୁରା ହୋଇ ପାରୁନି । ଡାଲିରେ ପୁଷ୍ଟିସାର, ତନ୍ତୁ ଓ ଲୌହ ଅଧିକ ମାତ୍ରାରେ ରହୁଥିବାରୁ ଆମ ଖାଦ୍ୟରେ ଡାଲିର ପରିମାଣ ବଢାଇଦେଲେ ଆମେ ଉପରୋକ୍ତ କମ୍ ଓଜନ ତଥା ରକ୍ତହୀନତା କବଳରୁ ରକ୍ଷା ପାଇ ଏକ ସୁସ୍ଥ ଓ ନୀରୋଗ ଜୀବନ ଯାପନ କରିପାରିବା । ଭାରତୀୟ ଭେଷଜ ଗବେଷଣା ପରିଷଦର ଅନୁମୋଦନ ଅନୁଯାୟୀ ଜଣେ ବୟସ୍କ ବ୍ୟକ୍ତି ପାଇଁ ଖାଦ୍ୟରେ ଦୈନିକ ପ୍ରାୟ ୪୦ ଗ୍ରାମ୍ ଡାଲି ଆବଶ୍ୟକ ହୋଇଥାଏ । ବିଶେଷତଃ ଶାକାହାରୀ ବ୍ୟକ୍ତିଙ୍କ ଖାଦ୍ୟରେ ଏହାର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ।

## ଡାଲିଜାତୀୟ ଫସଲ



ଆମ ରାଜ୍ୟରେ ମୁଖ୍ୟତଃ ହରଡ, ବିରି, ମୁଗ, କୋଳଥ ଓ ମସୁରି ଡାଲି ବ୍ୟବହାର କରାଯାଇଥାଏ । ଡାଲିଜାତୀୟ ଶସ୍ୟ ଉତ୍ପାଦନ ତଥା ବ୍ୟବହାରରେ ସମଗ୍ର ବିଶ୍ୱରେ ଆମ ଦେଶର ସ୍ଥାନ ପ୍ରଥମ କିନ୍ତୁ ବ୍ୟକ୍ତି ପିଛା ଡାଲିର ଦୈନିକ ଉପଲବ୍ଧତା ନିର୍ଦ୍ଧାରିତ ମାତ୍ରାଠାରୁ ବହୁତ କମ୍ । ଆବଶ୍ୟକତା ଓ ଉତ୍ପାଦନରେ ଥିବା ତାରତମ୍ୟକୁ କମ୍ କରିବା ଉଦ୍ଦେଶ୍ୟରେ ବର୍ଷ ୨୦୧୬ କୁ ମିଳିତ ଜାତିସଂଘ 'ଆର୍ନ୍ତଜାତୀୟ ଡାଲି ଜାତୀୟ ଫସଲ ବର୍ଷ' ରୂପେ ଘୋଷଣା କରିଥିଲେ ।

## ଡାଲିଜାତୀୟ ଫସଲର ଉପାଦେୟତା

ପୁଷ୍ଟିସାର ଖାଦ୍ୟସାରରେ ପ୍ରାୟ ଶତକଡା ୧୬ ଭାଗ ଯବକ୍ଷାରଜାନ ଥାଏ । ବାୟୁମଣ୍ଡଳରେ ଶତକଡା ୭୮ ଭାଗ ଯବକ୍ଷାରଜାନ ଥିଲେ ମଧ୍ୟ ଏହାକୁ ମାତ୍ର କେତେକ ଅଣୁଜୀବ ଓ ଡାଲିଜାତୀୟ ଫସଲ ଗ୍ରନ୍ଥିରେ ଥିବା ରାଇଜୋବିୟମ୍ ଅଣୁଜୀବ ହିଁ ବାୟୁରୁ ଯବକ୍ଷାରଜାନକୁ ସିଧାସଳଖ ଉପଯୋଗ କରି ପାରିଥାନ୍ତି । ଡାଲିଜାତୀୟ ଫସଲ ବାୟୁମଣ୍ଡଳୀୟ ଯବକ୍ଷାରଜାନକୁ ଚେରର ଗ୍ରନ୍ଥିରେ ଥିବା ରାଇଜୋବିୟମ୍ ଅଣୁଜୀବ ସାହାଯ୍ୟରେ ସଂଗ୍ରହ କରି ଗଛଗୁଡ଼ିକୁ ହେକ୍ଟର ପିଛା ୩୦-୪୦ କି.ଗ୍ରା. ଯବକ୍ଷାରଜାନ ଅର୍ଥାତ୍ ପ୍ରାୟ ୬୫-୮୭ କି.ଗ୍ରା. ୟୁରିଆ ସାର ଯୋଗାଇଥାଏ । ଏହି ଡାଲିଜାତୀୟ ଶସ୍ୟରୁ ହିଁ ଖାଦ୍ୟ ଶୃଙ୍ଖଳର ଅନ୍ୟାନ୍ୟ ପ୍ରାଣୀ ଓ ଉଦ୍ଭିଦ ପାଇଥାନ୍ତି । ତେଣୁ ଯବକ୍ଷାରଜାନ ବିବନ୍ଧନରେ ଡାଲିଜାତୀୟ ଫସଲର ଭୂମିକା ଅପରିହାର୍ଯ୍ୟ । ଏଥିପାଇଁ ଡାଲିଜାତୀୟ ଫସଲକୁ ଅନ୍ତଃ ଫସଲ ଚାଷପାଇଁ ଓ ମୃତ୍ତିକା କ୍ଷୟ ରୋକିବା ପାଇଁ ଆଚ୍ଛାଦନ ଫସଲ ରୂପେ ବ୍ୟବହାର କରାଯାଏ । ଉଭୟ ମଣିଷର ସ୍ୱାସ୍ଥ୍ୟ ଓ ମୃତ୍ତିକାର ସ୍ୱାସ୍ଥ୍ୟ ଦୃଷ୍ଟିରୁ ଡାଲିଜାତୀୟ ଫସଲ ଚାଷର ଯଥେଷ୍ଟ ଗୁରୁତ୍ୱ ରହିଛି ।

ଆମେ ଜାଣିଛୁ ଦୈନିକ ୧୦ ଗ୍ରାମ୍ ପ୍ରୋଟିନ୍ ମନୁଷ୍ୟ ଶରୀରକୁ ଦରକାର ହୁଏ, ଯାହାକି ଆମେ ଡାଲିରୁ ପାଇପାରିବା । ନିରାମିଷ ବ୍ୟକ୍ତି ମାନଙ୍କ ପାଇଁ ଡାଲି ପୁଷ୍ଟିସାରର ମୁଖ୍ୟ ଉତ୍ସ । ଡାଲିଜାତୀୟ ଫସଲକୁ ମଧ୍ୟ "ଗରିବର ମାଂସ" କୁହାଯାଏ । କିନ୍ତୁ ଗୋଟିଏ ପ୍ରକାର ଡାଲି ସବୁଦିନ ନ ଖାଇ ବିଭିନ୍ନ ପ୍ରକାର ଡାଲି ମିଶାଇ ଖାଇବା ଦେହ ପାଇଁ ଭଲ, ଅଥବା ଭିନ୍ନ ଭିନ୍ନ ଡାଲି ତଥା ବିଭିନ୍ନ ଶସ୍ୟ ଅଲଗା ଦିନ ଖାଇଲେ ଦେହ ପାଇଁ ସନ୍ତୁଳିତ ଖାଦ୍ୟସାର ମିଳିଥାଏ । ଡାଲିରେ ଉତ୍ତମ ଓ ଶସ୍ତା ପୁଷ୍ଟିସାର ତଥା ତନ୍ତୁ ଜାତୀୟ ଖାଦ୍ୟସାର, ଜୀବସାର ଓ ଲୌହ, ଦସ୍ତା ଭଳି ଧାତୁସାର ମଧ୍ୟ ରହିଥାଏ । ଆମେ ବ୍ୟବହାର କରୁଥିବା ବିଭିନ୍ନ ଡାଲି ତଥା ଅନ୍ୟାନ୍ୟ ଖାଦ୍ୟରେ ଥିବା ଖାଦ୍ୟସାରର ତାଲିକା ନିମ୍ନ ସାରଣୀରେ ଦିଆଯାଇଛି । ଏଥିରୁ ଜଣା ପଡେ ଯେ ମାଛ, ମାଂସ, କ୍ଷୀର ଓ ଅଣ୍ଡା ଭଳି ଡାଲିରେ ମଧ୍ୟ ବହୁତ ଭଲ ପରିମାଣ ଓ ଅନୁପାତରେ ଆମର ଦରକାରୀ ଖାଦ୍ୟସାର ଗୁଡିକ ରହିଛି । ପ୍ରାଣୀଜ ପୁଷ୍ଟିସାର ଅପେକ୍ଷା ଡାଲି ସହଜରେ ତଥା କମ୍ ଖର୍ଚ୍ଚରେ ଅଧିକ ସମୟ ପାଇଁ ସାଇତି ରଖା ଯାଇପାରେ ।

### ୧୦୦ ଗ୍ରାମ୍ ଖାଦ୍ୟରେ ଥିବା ବିଭିନ୍ନ ଖାଦ୍ୟସାରର ପରିମାଣ (ସୌଜନ୍ୟ : ରାଷ୍ଟ୍ରୀୟ ପୋଷଣ ଅନୁଷ୍ଠାନ, ହାଇଦ୍ରାବାଦ)

| ଖାଦ୍ୟସାର | ଶକ୍ତି | ପୁଷ୍ଟିସାର | ସ୍ନେହସାର | କ୍ୟାଲସିୟମ୍ | ପୋଟାସିୟମ୍ | ଲୌହ | ଦସ୍ତା | ଫୋଲିକ୍ ଏସିଡ୍ |
|---|---|---|---|---|---|---|---|---|
| ଖାଦ୍ୟ | କିଲୋ କ୍ୟାଲୋରୀ | ଗ୍ରାମ୍ | | ମିଲିଗ୍ରାମ୍ | | | | ମାଇକ୍ରୋ ଗ୍ରାମ୍ |
| ମୁଗ | ୩୨୪ | ୨୩.୮୮ | ୧.୩୫ | ୪୩.୧ | ୧୨୬୮ | ୩.୯ | ୨.୫ | ୯୨.୧ |
| ବିରି | ୩୨୩ | ୨୩.୦୬ | ୧.୬୯ | ୫୫.୭ | ୧୧୫୭ | ୪.୭ | ୩.୦ | ୮୮.୮ |
| କୋଳଥ | ୩୨୮ | ୨୧.୭୩ | ୦.୬୨ | ୨୬୯ | ୧୦୬୫ | ୮.୮ | ୨.୭ | ୧୬୩ |
| ହରଡ | ୩୩୦ | ୨୧.୭୦ | ୧.୫୬ | ୭୧.୭ | ୧୩୯୫ | ୩.୯ | ୨.୬ | ୧୦୮ |
| ସୋୟାବିନ୍ | ୩୭୬ | ୩୫.୫୮ | ୧୯.୪୨ | ୨୩୯ | ୧୬୧୩ | ୮.୩ | ୪.୦ | ୨୮୮ |
| ବୁଟ | ୩୨୮ | ୨୧.୫୫ | ୫.୩୧ | ୪୬.୩ | ୯୫୭ | ୬.୧ | ୩.୭ | ୧୮୨ |
| ମଟର | ୩୦୨ | ୨୦.୪୩ | ୧.୮୯ | ୭୫ | ୯୨୨ | ୫.୧ | ୩.୧ | ୧୧୦ |
| ଭାତ | ୩୫୦ | ୭.୯୪ | ୦.୫୫ | ୭.୪୯ | ୧୦୮ | ୦.୭ | ୧.୨ | ୯.୮ |
| ମାଂସ | ୩୮୨ | ୧୯.୪୪ | ୧୨.୬୪ | ୨୦.୫ | ୨୮୩ | ୧.୩ | ୧.୮ | ୭.୫ |
| ଅଣ୍ଡା | ୧୩୪ | ୧୩.୨୮ | ୯.୧୫ | ୪୯.୪ | ୧୩୮ | ୧.୮ | ୧.୨ | ୪୯.୩ |
| କ୍ଷୀର | ୭୨.୬ | ୩.୨୬ | ୪.୪୮ | ୧୧୮ | ୧୦୯ | ୦.୧୫ | ୦.୩ | ୭.୦ |
| ମାଛ | ୧୦୨ | ୧୯.୭୧ | ୨.୩୯ | ୩୯.୪ | ୩୦୧ | ୧.୧ | ୦.୭ | ୧୨୬୩ |

## ସ୍ୱାସ୍ଥ୍ୟ ସୁରକ୍ଷା

ଡାଲିଜାତୀୟ ଫସଲରେ ଅଧିକମାତ୍ରାରେ ପୁଷ୍ଟିସାର ଥିବାରୁ ଏହାକୁ ମାଂସ ଓ କ୍ଷୀରର ପ୍ରତିକଳ୍ପ ରୂପେ ବ୍ୟବହାର କରାଯାଇଥାଏ । ଏହାଛଡା ଡାଲିଜାତୀୟ ଫସଲରେ ଅଧିକ ତନ୍ତୁ, କମ୍ ଚର୍ବିଜାତୀୟ ଖାଦ୍ୟସାର ଓ କୋଲେଷ୍ଟେରୋଲ୍ ଥାଏ । ତେଣୁ ଏହା ଅଣସଂକ୍ରାମକ ରୋଗରୁ ରକ୍ଷା କରିବାରେ ସହାୟକ ହୁଏ । ଶସ୍ୟ ଓ ଡାଲି ମିଶ୍ରିତ ଖାଦ୍ୟ ପୁଷ୍ଟି ଦୃଷ୍ଟିରୁ ସର୍ବଦା ଅତ୍ୟନ୍ତ ଉତ୍କୃଷ୍ଟ ହୋଇଥାଏ । କାରଣ ଶସ୍ୟ ଜାତୀୟ ଖାଦ୍ୟରେ 'ଲାଇସିନ୍' ନାମକ ଆମିନୋ ଅମ୍ଳ ସ୍ୱଳ୍ପ ପରିମାଣରେ ଥିବାବେଳେ ଡାଲିରେ ଏହା ଅଧିକ ମାତ୍ରାରେ ଥାଏ । ପକ୍ଷାନ୍ତରେ ଡାଲିରେ 'ମେଥିଓନାଇନ୍' ନାମକ ଆମିନୋ ଅମ୍ଳ କମ୍ ପରିମାଣରେ ଥିବାବେଳେ ଶସ୍ୟଜାତୀୟ ଖାଦ୍ୟରେ ଏହା ଅଧିକ ଥାଏ । ତେଣୁ ଭାତ ଓ ଡାଲି ଆମର ମୁଖ୍ୟ ଖାଦ୍ୟ ଭାବେ ବିବେଚିତ ହୁଏ ।

## ପଦକ୍ଷେପ

ଭାରତ ସରକାରଙ୍କର ଜାତୀୟ ଖାଦ୍ୟ ସୁରକ୍ଷା ମିଶନ ମାଧ୍ୟମରେ ଜନସାଧାରଣଙ୍କ ପାଇଁ ଗୁଚ୍ଛ ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ ବିଭିନ୍ନ ଡାଲି ଜାତୀୟ ଫସଲର ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ କରାଯାଇ ସେହି ଫସଲ ଚାଷ କରିବା ପାଇଁ ଉତ୍ସାହିତ କରାଯାଉଛି । ଆମ ଖାଦ୍ୟରେ ଡାଲିର ପରିମାଣ ବଢାଇ ଦେଲେ ଆମ ପିଲାମାନଙ୍କ ଦେହର ଗଠନ ସଠିକ୍ ହୋଇ ପାରିବ ତଥା ରକ୍ତହୀନତା ମଧ୍ୟ ଦୂର ହୋଇ ପାରିବ । ଡାଲିର ଆବଶ୍ୟକତାକୁ ଆଖିରେ ରଖି ଭାରତ ସରକାର ଦେଶର ୮୦ ରୁ ଅଧିକ ଅନୁଷ୍ଠାନ ମାଧ୍ୟମରେ ଡାଲିଜାତୀୟ ଫସଲର ଉନ୍ନତ ମାନର ବିହନ ଉତ୍ପାଦନ କରାଯାଇ ସେହି ବିହନକୁ ଚାଷୀମାନଙ୍କ ପାଖରେ ପହଞ୍ଚା ଯାଉଛି ।


କୃଷି ବିଜ୍ଞାନ କେନ୍ଦ୍ର ସଂପ୍ରସାରଣ ଇସ୍ତାହାର: ୦୪ (ମାର୍ଚ୍ଚ ୨୦୧୯)

ସଂପାଦନା: ଡା. ରଞ୍ଜନ କୁମାର ମହାନ୍ତ

ସହଯୋଗିତା: ବିଭୁତି ଭୂଷଣ ପଲାଇ, ସତ୍ୟ ରଞ୍ଜନ ରାଉତ୍ ଓ ଅରବିନ୍ଦ ବିଶୋଇ

ପ୍ରକାଶକ: ଭାରପ୍ରାପ୍ତ ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର କଟକ

ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ



E-mail: kvkcuttack@gmail.com; Website: www.kvkcuttackzpdvii.org